ଓଡିଶା ସରକାର

# ବଜେଟ୍

## ଭାଗ - ୧

## ୨୦୨୬-୨୭

# କୃଷି

ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୨୦ ଫେବୃଆରୀ, ୨୦୨୬

## ପ୍ରଥମ ଭାଗ (କୃଷି ବଜେଟ୍)

**ବନ୍ଦେ ମାତରମ,**

ଓଡ଼ିଶାର ଅନନ୍ତ ପାଳନକର୍ତ୍ତା ଓ ରକ୍ଷକ "**ମହାପ୍ରଭୁ ଶ୍ରୀ ଜଗନ୍ନାଥ**" ତାଙ୍କ ଦିବ୍ୟ କୃପାରେ ନିରନ୍ତର ଆମର ମାର୍ଗଦର୍ଶନ କରିଆସୁଛନ୍ତି। **"ସର୍ବେ ଭବନ୍ତୁ ସୁଖିନଃ"** ମନ୍ତ୍ର ଦ୍ୱାରା ଆମ ଓଡିଆ ଜାତି ସଦା ଅନୁପ୍ରାଣିତ । ଆମ ରାଜ୍ୟରେ ଗତ ବର୍ଷ ପର୍ଯ୍ୟାପ୍ତ ବର୍ଷା ଯୋଗୁଁ ଆମର ପରିଶ୍ରମୀ ଚାଷୀଙ୍କ ଶସ୍ୟଭଣ୍ଡାର ପରିପୂର୍ଣ୍ଣ ହେବା ସହ ଗ୍ରାମୀଣ ସମୃଦ୍ଧି ସୁଦୃଢ଼ ହୋଇପାରିଥିଲା। ଏହା ଆମ ପାଇଁ ଗର୍ବର ବିଷୟ ଯେ, ଭାରତର ଯଶସ୍ୱୀ  ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ  ପ୍ରଗତିଶୀଳ ନେତୃତ୍ୱରେ, ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି । ଦୈବୀ ଆଶୀର୍ବାଦ ଏବଂ "**ଅପରେସନ୍ ସିନ୍ଦୂର**" ସମୟରେ ଦେଶକୁ ସୁରକ୍ଷା ଦେଇଥିବା ଆମର ସାହସୀ ସୈନିକଙ୍କ ବୀରତ୍ୱ ଆମକୁ ପ୍ରେରଣା ଦେଉଛି । ଆଜି ଶାନ୍ତି ଏବଂ ପ୍ରଗତି ପ୍ରତି ଆମର ବିଶ୍ୱାସ ପୂର୍ବ ଅପେକ୍ଷା ଅଧିକ ଦୃଢ଼ ହୋଇଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**2.** ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତ ମହିମାର ସଂରକ୍ଷଣ ଓ ସଂବର୍ଦ୍ଧନ ଆମର ପବିତ୍ର କର୍ତ୍ତବ୍ୟ । ଏହି ପ୍ରତିବଦ୍ଧତା ସହିତ, ଆମ ସରକାର ପୁରୀରେ ପ୍ରାୟ **୧ ହଜାର କୋଟି** ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀ **ଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର** ପ୍ରତିଷ୍ଠା କରିବା ସହ ଗୁଣ୍ଡିଚା ମନ୍ଦିର, ଏମାର ମଠ, ପ୍ରମୋଦ ଉଦ୍ୟାନ ଏବଂ ଐତିହାସିକ ରଘୁନନ୍ଦନ ପାଠାଗାରର ଆଧ୍ୟାତ୍ମିକ ଗୌରବକୁ ପୁନରୁଦ୍ଧାର କରିବେ ।

**3.** ସମଗ୍ର ବିଶ୍ୱର ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କୁ କୌଣସି ବସ୍ତୁ କିମ୍ବା ରାଶି ଦାନ କରି ଏକ ପବିତ୍ର କାର୍ଯ୍ୟ ଆରମ୍ଭ କରିବାକୁ ଶୁଭ ବୋଲି ମନେ କରିଥାନ୍ତି। ଆମେ

ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ ପାଇଁ **"ସମର୍ପଣ"** ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ "ଡିଜିଟାଲ୍ ହୁଣ୍ଡି" ପ୍ରଚାଳନ କରିଛୁ । ଏହି ପ୍ଲାଟଫର୍ମ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହିତ ସମନ୍ୱିତ ଏକ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହିତ ସଂଯୋଗ କରିବ । ସହଜ ବ୍ୟବହାର ପାଇଁ ଏଥିରେ ବହୁବିଧ ଦେୟ ବିକଳ୍ପ ରହିଛି।

**4.** ନିର୍ବାଚନ ପ୍ରତିଶ୍ରୁତି ରକ୍ଷା ସ୍ୱରୂପ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାରର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ ନିମନ୍ତେ ଅନୁଦାନ ବାବଦକୁ **୫ କୋଟି ଟଙ୍କା** ଆବଣ୍ଟନ କରିବାକୁ ମୁଁ ପ୍ରସ୍ତାବ ଦେଉଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**5.** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱ ରାଜନୀତି, ବାଣିଜ୍ୟ ଗତିଶୀଳତା ଏବଂ ମେଣ୍ଟ ମଧ୍ୟରେ ଭାରତର ସ୍ଥିର ଏବଂ ଦୃଢ଼ ଅଭିବୃଦ୍ଧି ସ୍ଥିରତାର ଏକ ସ୍ତମ୍ଭ ଭାବେ ଉଭା ହୋଇଛି । ତାଙ୍କର ନିର୍ଣ୍ଣାୟକ ନେତୃତ୍ୱର ମାର୍ଗଦର୍ଶନରେ, ଦେଶର ଅର୍ଥନୈତିକ ଯାତ୍ରା ଦୃଢ଼ ବିତ୍ତୀୟ ଶୃଙ୍ଖଳା, ସ୍ଥୂଳ ଅର୍ଥନୈତିକ ସ୍ଥିରତା, ନିରନ୍ତର ଅଭିବୃଦ୍ଧି ଏବଂ ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଦ୍ୱାରା ପରିଭାଷିତ ହୋଇଛି । ଏହି ପ୍ରୟାସଗୁଡ଼ିକ ଦ୍ୱାରା ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (GDP) କ୍ରମାଗତ ଭାବେ ପ୍ରାୟ ୭ ପ୍ରତିଶତ ଅଭିବୃଦ୍ଧି ହେବା ସହ ଦାରିଦ୍ର୍ୟ ହ୍ରାସ ତ୍ୱରାନ୍ୱିତ ହୋଇପାରିଛି ଏବଂ ଆମ ଲୋକଙ୍କ ଜୀବନର ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ।

**6.** ଓଡ଼ିଶା ଆଜି ଆର୍ଥିକ ଦୂରଦୃଷ୍ଟି ଏବଂ ସୁଶାସନର ଏକ ମଡେଲ ଭାବରେ ପରିଗଣିତ ହୋଇପାରିଛି । ଆମେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଗରିବ,

ଯୁବବର୍ଗ, ଅନ୍ନଦାତା ଏବଂ ନାରୀଶକ୍ତି ପାଇଁ ଆମର ଜନାଭିମୁଖୀ ପଦକ୍ଷେପ ସହିତ, ଓଡ଼ିଶା ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା (FRBM) ଅଧିନିୟମ, ୨୦୦୫ ରେ ନିର୍ଦ୍ଧାରିତ ବିତ୍ତୀୟ ମାନଦଣ୍ଡ ହାସଲ କରିବାରେ ଆଦୌ କୌଣସି ବିଚ୍ୟୁତି ଘଟି ନାହିଁ । ନୀତି ଆୟୋଗ, RBI ଏବଂ ଜାତୀୟ ଖ୍ୟାତିସମ୍ପନ୍ନ ଅନ୍ୟାନ୍ୟ ସରକାରୀ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ଏହି ସଫଳତାକୁ ପ୍ରଶଂସା କରାଯାଇଛି । ରାଜ୍ୟ ଅର୍ଥନୀତିର ସୁପରିଚାଳନା ଯୋଗୁଁ, ଆମ ରାଜ୍ୟର ମୋଟ ଘରୋଇ ଉତ୍ପାଦ **(GSDP)** ଆର୍ଥିକ ବର୍ଷ ୨୦୨୫-୨୬ ରେ ୭ ଦଶମିକ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାର ଆକଳନ କରାଯାଇଛି। ନୂତନ ଆତ୍ମବିଶ୍ୱାସ ଏବଂ ଦୃଢ଼ ନୀତିଗତ ପଦକ୍ଷେପ ସହିତ, ଆମେ ୧୨ ପ୍ରତିଶତର ନାମମାତ୍ର ଅଭିବୃଦ୍ଧି (Nominal Growth) ହାସଲ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷରେ ଆମର GSDP ପ୍ରାୟ ୧୧ ଲକ୍ଷ ୭ କୋଟି ଟଙ୍କାରେ ପହଞ୍ଚିପାରିବ ।

**ମାନନୀୟା ବାଚସ୍ପତି ମହୋଦୟା,**

**7.** ଷୋଡ଼ଶ ଅର୍ଥ ଆୟୋଗଙ୍କ ସୁପାରିଶକୁ ଗ୍ରହଣ କରି ରାଜ୍ୟଗୁଡ଼ିକ ପାଇଁ ନିଟ୍ କେନ୍ଦ୍ର ସରକାରଙ୍କ ଟିକସର ୪୧ ପ୍ରତିଶତ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଥିବାରୁ, ମୁଁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି। ଏହାଦ୍ୱାରା ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଅନୁଦାନ ପ୍ରବାହରେ ନିରନ୍ତର ବୃଦ୍ଧି ସହିତ ଆଗାମୀ ବର୍ଷଗୁଡ଼ିକରେ ଆକଳନ ଅପେକ୍ଷା ମଧ୍ୟ ଅଧିକ ରାଶି ପ୍ରାପ୍ତ ହେବାର ସମ୍ଭାବନା ରହିଛି ।

**8.** ଆମ ସରକାର ଆର୍ଥିକ ବର୍ଷ ୨୦୨୬-୨୭ ରୁ ୨୦୩୦-୩୧ ମଧ୍ୟରେ ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ୫୦ ହଜାର କୋଟି ଟଙ୍କା ହସ୍ତାନ୍ତର କରିବା ପାଇଁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶକୁ ଗ୍ରହଣ କରିଛନ୍ତି, ଯାହା ପଞ୍ଚମ ରାଜ୍ୟ ଅର୍ଥ

ଆୟୋଗ (SFC) ଦ୍ୱାରା ସୁପାରିଶ କରାଯାଇଥିବା ହସ୍ତାନ୍ତରର ପ୍ରାୟ ୨ ଗୁଣ ଅଟେ । ଏହା ବ୍ୟତୀତ, ଏହି ଅବଧି ମଧ୍ୟରେ ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ଷୋଡ଼ଶ ଅର୍ଥ ଆୟୋଗ ସୁପାରିଶ ଅନୁଯାୟୀ ୧୮ ହଜାର ୭ ଶହ ୧୫ କୋଟି ଟଙ୍କା ହସ୍ତାନ୍ତର କରାଯିବ । ଏହା ଗ୍ରାମ ସ୍ୱରାଜ ଏବଂ ଶାସନର ବିକେନ୍ଦ୍ରୀକରଣ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ବୃଦ୍ଧି କରିବ।

**9.** କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି, ଯେଉଁଥିରେ ଯୋଗାଯୋଗକୁ ସୁଦୃଢ଼ କରିବା, ଚାଲୁଥିବା ଭିତ୍ତିଭୂମି କାର୍ଯ୍ୟକୁ ସମର୍ଥନ କରିବା ସହ ଶିଳ୍ପ ଅଭିବୃଦ୍ଧିକୁ ବୃଦ୍ଧି କରିବା ପାଇଁ ରେଳ ପ୍ରକଳ୍ପ ନିମନ୍ତେ ରେକର୍ଡ ୧୦ ହଜାର ୯ ଶହ ୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆମ ରାଜ୍ୟ ଦେଇ ଯାଉଥିବା **ପୂର୍ବ-ପଶ୍ଚିମ ମାଲବାହୀ କରିଡର** ଯୋଗାଣ ଓ ବିତରଣ ପରିଚାଳନାକୁ ଉନ୍ନତ କରିବା ସହ ଶିଳ୍ପ ଅଞ୍ଚଳକୁ ପ୍ରମୁଖ ବଜାର ସହିତ ସଂଯୋଗ କରିବ । ୫ ନମ୍ବର ଜାତୀୟ ଜଳପଥର ବିକାଶ ତାଳଚେର, ଅନୁଗୁଳ, ପାରାଦୀପ ଏବଂ ଧାମରା ମଧ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ବୃଦ୍ଧି କରି ବନ୍ଦରଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବ। କେନ୍ଦ୍ରୀୟ ବଜେଟରେ ବିରଳ ମୃତ୍ତିକା ଏବଂ ଖଣିଜ ମୂଲ୍ୟ ଶୃଙ୍ଖଳ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି, ଯାହା ଓଡ଼ିଶାର ଖଣିଜସମୃଦ୍ଧ ଅଞ୍ଚଳମାନଙ୍କୁ ଲାଭବାନ କରିବ । ଏଥିସହ, ସେମିକଣ୍ଡକ୍ଟର ଶିଳ୍ପ , ଜୈବ ଔଷଧ ଶିଳ୍ପ, ମତ୍ସ୍ୟଚାଷ, କୃଷି ଏବଂ ଉପକୂଳ ପର୍ଯ୍ୟଟନରେ ଜାତୀୟ ପଦକ୍ଷେପ ରାଜ୍ୟରେ ରୋଜଗାର ସୃଷ୍ଟି ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଓଡ଼ିଶା ପାଇଁ ୧୫ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ ସହିତ ପ୍ରାୟ ୪ ଶହ କିଲୋମିଟର ନୂତନ ସଡ଼କ ଏବଂ ଜାତୀୟ ରାଜପଥର ଉନ୍ନତି ପାଇଁ ଅନୁମୋଦନ

ପ୍ରଦାନ କରିଥିବାରୁ ମୁଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଉଛି ।

ବିରଳ ମୃତ୍ତିକା କରିଡର ଅଧୀନରେ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ, ମୁଁ ଶିଳ୍ପ ବିଭାଗ ଅଧୀନରେ ୧୦ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ଦେଉଛି ଯାହା ଆମ ରାଜ୍ୟକୁ ଅନ୍ୟ କରିଡର ରାଜ୍ୟଗୁଡ଼ିକ ତୁଳନାରେ ଆଗରେ ରଖି ଏହି କ୍ଷେତ୍ରରେ ନିବେଶ ପାଇଁ ସୁଗମ କରିବ ।

**ମାନନୀୟା ବାଚସ୍ପତି ମହୋଦୟା,**

**10.** କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ, ଭାରତ ସରକାର ପୂର୍ବୋଦୟ କାର୍ଯ୍ୟକ୍ରମରେ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ଓଡିଶାର ଉପକୂଳରେ କଇଁଛ ସଂରକ୍ଷଣ ପଥ ଭଳି ପ୍ରକୃତି-ଆଧାରିତ ବିଷୟବସ୍ତୁକୁ ନେଇ ପର୍ଯ୍ୟଟନର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ଯାହା ପର୍ଯ୍ୟଟନକୁ ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ଜୀବିକା ସହିତ ସଂଯୋଗ କରେ । କେନ୍ଦ୍ର ବଜେଟ୍ ପର୍ଯ୍ୟଟନ ଓ ଐତିହ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛି, ଯାହା ପ୍ରମୁଖ ମନ୍ଦିର ଏବଂ ସାଂସ୍କୃତିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳମାନଙ୍କୁ ଲାଭବାନ କରିବ ।

**11.** ଆମ ସରକାର "**ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ**" ର ପ୍ରକୃତ ଭାବନାରେ ବିକାଶର ସୁଫଳକୁ ପ୍ରତ୍ୟେକ କୃଷକ, ଅନୁସୂଚିତ ଜାତି ଓ ଜନଜାତି ପରିବାର, ଯୁବକ, ମହିଳା ଏବଂ ଗରିବଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିଥାଏ । ଆମେ ଆକାଂକ୍ଷାକୁ ସଫଳତାରେ ଏବଂ ସମ୍ଭାବନାକୁ ପ୍ରଗତିରେ ରୂପାନ୍ତରିତ କରିବାକୁ ପ୍ରତିବଦ୍ଧ । ଆମେ ବିଶ୍ୱମାନର ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ସହ କୌଶଳ ବିକାଶ ମାଧ୍ୟମରେ ଯୁବବର୍ଗଙ୍କୁ ସଶକ୍ତ କରିବୁ, ଅଧିକ

ଉତ୍ପାଦନଶୀଳତା ପାଇଁ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରିବୁ, ବହୁବିଧ ଶିଳ୍ପକୁ ପ୍ରୋତ୍ସାହନ ଦେବୁ, ଏବଂ ରାଜ୍ୟର ମହିଳା ଓ ଦୁର୍ବଳ ବର୍ଗମାନଙ୍କୁ ପ୍ରୋତ୍ସାହିତ କରି ରାଜ୍ୟର ସର୍ବାଙ୍ଗୀନ ଅଭିବୃଦ୍ଧିକୁ ଦୃଢ଼ କରିବୁ ।

**12.** ମୁଁ ସମ୍ପ୍ରତି **ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (BCPPER)** ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରିଛି। ଏହି ବଜେଟରେ ମୁଁ ପବିତ୍ର ଗୃହକୁ ଅବଗତ କରିବାକୁ ଚାହେଁ ଯେ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ୍ ଭାବେ ଗ୍ରହଣ କରି ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା **ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର, ଏବଂ ଜୟପୁର-କୋରାପୁଟ-ସୁନାବେଡ଼ା** ଗୁଡ଼ିକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ ।

**13.** ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହିତ ସମନ୍ୱୟ ଆଣିବା ପାଇଁ, ଆମେ ପୁରୀରେ "**ଶାମୁକା**" ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଚିହ୍ନଟ କରିଛୁ । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସହିତ ଏକ ବିଶ୍ୱମାନର ଉପକୂଳ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ "**ଶାମୁକା ପ୍ରକଳ୍ପ**" ର ପରିକଳ୍ପନା କରାଯାଇଛି । ଏହି ପ୍ରକଳ୍ପର ଅବସ୍ଥିତି ପୁରୀ ଏବଂ ପୁରୀ ରେ ପ୍ରସ୍ତାବିତ ଆନ୍ତର୍ଜାତୀୟ ବିମାନବନ୍ଦର ନିକଟବର୍ତ୍ତୀ ହୋଇଥିବାରୁ ଏହା ଜାତୀୟ ଓ ଆନ୍ତର୍ଜାତୀୟ ସଂଯୋଗକୁ ସୁନିଶ୍ଚିତ କରିବ । ପୁରୀର ଶାମୁକା ଠାରେ ପ୍ରସ୍ତାବିତ **ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର (WTC)** ଆଲୋଚନା, ନବ ସୃଜନ, ଗବେଷଣା, ସମ୍ମିଳନୀ ଏବଂ ପ୍ରଦର୍ଶନୀ

ଇତ୍ୟାଦି କାର୍ଯ୍ୟକଳାପ ପାଇଁ ଏକ ବିଶ୍ୱ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ, ଯାହା ଓଡ଼ିଶାର ଅନ୍ତର୍ଜାତୀୟ ସ୍ଥିତିକୁ ସୁଦୃଢ଼ କରିବ ।

**14.** ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ହେଉଛି ଡ୍ୟାମ୍ ଅଞ୍ଚଳ, ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଏବଂ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିବା । ଏଥିନିମିତ୍ତ ଜଳଭଣ୍ଡାର-କ୍ଷେତ୍ର ବିକାଶ ପାଇଁ ୯୯ କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି ।

**15.** ଚିଲିକା ହେଉଛି ଏସିଆର ସର୍ବବୃହତ ଲୁଣିଆ ଜଳ ହ୍ରଦ ଏବଂ ଏକ ଅନନ୍ୟ ସାମୁଦ୍ରିକ-ଲବଣାକ୍ତ-ମଧୁର ଜଳ ବିଶିଷ୍ଟ ଇକୋସିଷ୍ଟମ୍ ଯାହା ଭାରତର ପ୍ରଥମ **ରାମସର** ସ୍ଥଳ । ଚିଲିକା ବର୍ତ୍ତମାନ ପାରିବେଶିକ ଏବଂ ଭୂ-ଆକୃତିଗତ ଅସ୍ଥିରତାର ସମ୍ମୁଖୀନ ହେଉଛି । ଏହି ଉଦ୍ଦେଶ୍ୟରେ, ମୁଁ **'ଚିଲିକା ପୁନରୁଦ୍ଧାର' ନାମରେ ଏକ** ନୂତନ ଯୋଜନା ଘୋଷଣା କରୁଛି ।

**16.** ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାଂସ୍କୃତିକ ସମ୍ପଦ ଏହାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ମୁଁ ଭୁବନେଶ୍ୱରରେ ଏକ ବିଶ୍ୱମାନର ସଂଗ୍ରହାଳୟ ନିର୍ମାଣ କରିବାକୁ ପ୍ରସ୍ତାବ ଦେଉଛି ଯାହା ଆମର ଗୌରବମୟ ଅତୀତକୁ ପ୍ରଦର୍ଶନ କରିବ । ସାମରିକ କଳା କୌଶଳ **"ଛଉ"** ଆମର ଗର୍ବ । ଆମେ ବାରିପଦାଠାରେ **"ମୟୂରଭଞ୍ଜ ଛଉ ଏକାଡେମୀ"** ପ୍ରତିଷ୍ଠା କରିବୁ ଯାହା ପାଇଁ ବଜେଟରେ **୧୦ କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି।

**17.** ଆମେ ଆମର ଭବିଷ୍ୟତ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବୁ । ଆଗାମୀ ବର୍ଷଗୁଡ଼ିକରେ କିଛି ନୂତନ ପ୍ରମୁଖ ସଡ଼କ ପ୍ରକଳ୍ପଗୁଡ଼ିକୁ ବିକଶିତ କରିବାକୁ ମୁଁ ପ୍ରସ୍ତାବ ଦେଉଛି:

i. କୋରାପୁଟ ଜିଲ୍ଲାର ଜୟପୁର ସହରକୁ ଉପକୂଳବର୍ତ୍ତୀ ସହର ବ୍ରହ୍ମପୁର ସହିତ ସଂଯୋଗ କରିବା ପାଇଁ ପ୍ରାୟ ୯ ହଜାର କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ୨ ଶହ ୮୭ କିଲୋମିଟର ଲମ୍ବ ବିଶିଷ୍ଟ **ବ୍ରହ୍ମପୁର-ଜୟପୁର** ରାସ୍ତା ବିକଶିତ କରାଯିବ।

ii. **ନମୋ ଏକ୍ସପ୍ରେସୱେ** ପୂର୍ବ-ପଶ୍ଚିମ କରିଡରର ଭାବେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲ୍ଲାର ଅମ୍ବାଭୋନା ସହିତ ସଂଯୋଗ କରିବ ।

iii. ୯ ଶହ ୬୯ କିଲୋମିଟର ବିଶିଷ୍ଟ **ଅଟଳ ଏକ୍ସପ୍ରେସ ୱେ** ଉତ୍ତର-ଦକ୍ଷିଣ କରିଡରର ଭାବରେ ମାଲକାନାଗିରି ଜିଲ୍ଲାର ମୋଟୁକୁ ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗି ସହିତ ସଂଯୋଗ କରିବ।

**ମାନନୀୟା ବାଚସ୍ପତି ମହୋଦୟା,**

**18.** ବିକଶିତ ଓଡ଼ିଶା ଭିଜନ୍ ଅନୁସାରେ ଆମେ ୨୦୩୬  ସୁଦ୍ଧା ଓଡ଼ିଶାକୁ ୫ ଶହ  ବିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ପରିପ୍ରେକ୍ଷୀରେ, ଆଗାମୀ ପିଢ଼ିର ଆବଶ୍ୟକତା ପୂରଣ କରିବା ପାଇଁ ମୁଁ ଭୁବନେଶ୍ୱରରେ ନିମ୍ନଲିଖିତ ନୂତନ ସରକାରୀ କୋଠା ନିର୍ମାଣ ପାଇଁ ପ୍ରସ୍ତାବ ଦେଉଛି ।

i. ଜନ ଆଶ୍ରୟ ଭବନ:  ଭୁବନେଶ୍ୱର ଠାରେ ଅତିଥି ଗୃହ ନିର୍ମାଣ  ଯାହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଜିଲ୍ଲା ମାନଙ୍କରୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିପାରିବ
ii. ନୂତନ ରାଜ୍ୟ ବିଧାନ ସଭା ସୌଧ
iii. ନୂତନ ସଚିବାଳୟ ଭବନ
iv. ବିଶ୍ୱମାନର ଏକ ନୂତନ ସଂଗ୍ରହାଳୟ, ଏବଂ
v. ଓଡ଼ିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର

**ମାନନୀୟା ବାଚସ୍ପତି ମହୋଦୟା,**

**19.** ୨୦୨୪-୨୬ ଆର୍ଥିକ ବର୍ଷରେ, ଓଡ଼ିଶା ଭାରତରେ ଘରୋଇ ନିବେଶ ପାଇଁ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହୋଇଛି । ଏହାଛଡା ଓଡ଼ିଶା ଦେଶର ପ୍ରସ୍ତାବିତ ମୋଟ ଘରୋଇ ବିନିଯୋଗର ପ୍ରାୟ ୧୩ ଦଶମିକ ୧ ପ୍ରତିଶତ ଅଂଶୀଦାର ହେବା ସହ ବିନିଯୋଗ ଆକର୍ଷଣ ଦୃଷ୍ଟିରୁ ଦ୍ୱିତୀୟ ସର୍ବୋଚ୍ଚ ରାଜ୍ୟ ହୋଇପାରିଛି । ଏହି ସଫଳ ପ୍ରଦର୍ଶନ ଯୋଗୁଁ ଓଡିଶା ନିବେଶକମାନଙ୍କୁ ଆକର୍ଷିତ କରିପାରିଛି ଯାହା ବିକଶିତ ଓଡ଼ିଶା ୨୦୩୬ ପାଇଁ ଥିବା ନିବେଶ-ଅନୁକୂଳ ନୀତି ଏବଂ ଅର୍ଥନୈତିକ ଗତିକୁ ପ୍ରତିଫଳିତ କରେ ।

**20.** ଶିଳ୍ପ କ୍ଷେତ୍ରରେ ରାଜ୍ୟ ସଚେତନ ଭାବରେ ପାରମ୍ପରିକ ଶିଳ୍ପ ବ୍ୟତୀତ ଟେକ୍ସଟାଇଲ, ଫାର୍ମାସ୍ୟୁଟିକାଲ, ଇଲେକ୍ଟ୍ରୋନିକ୍ସ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ବିବିଧତା ଆଣିଛି। ଓଡ଼ିଶା ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଭିତ୍ତିଭୂମି ବିସ୍ତାର ଏବଂ ବ୍ୟବସାୟ କରିବାର ସହଜତା ଭଳି ନିଯୁକ୍ତି କ୍ଷେତ୍ରଗୁଡ଼ିକରେ ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରାଥମିକତା ଦେଉଛି। ଏହା ରାଜ୍ୟକୁ ୨୦୩୬ ସୁଦ୍ଧା ୫ ଶହ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

**21.** ଆମର ଦୃଷ୍ଟିକୋଣ ସାହସିକ ଏବଂ ହାସଲ ଯୋଗ୍ୟ । ଏଥି ପାଇଁ ସଂସ୍କାର ଏବଂ କାର୍ଯ୍ୟଦକ୍ଷତା ପରିମାପକ କରିପାରୁଥିବା ପ୍ରତିଷ୍ଠାନର ଆବଶ୍ୟକତା ରହିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦ ଜୁନ୍ ୨୦୨୫ ରେ ଆନୁଷ୍ଠାନିକ ଭାବେ "ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ " ଉନ୍ମୋଚନ କରିଥିଲେ । ଏହି ଦସ୍ତାବିଜ, ଆମକୁ ଆଗକୁ ଯିବା ପାଇଁ ସୁଗମ ପଥ ପ୍ରସ୍ତୁତ କରିଛି ।

ଏହି  ପ୍ରାରମ୍ଭିକ ମନ୍ତବ୍ୟ ପରେ, ମୁଁ ମୋର ବଜେଟ୍ ଭାଷଣର ପ୍ରଥମ ଅଂଶ - **କୃଷି ବଜେଟ୍** ରେ **"ଗ୍ରାମୀଣ ସଶକ୍ତିକରଣ"** ବିଷୟକୁ ନେଇ, **"ଅନ୍ନଦାତା"**ଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି  ।

**ମାନ୍ୟବର ବାଚସ୍ପତି ମହୋଦୟା,**

**22.** ଓଡ଼ିଶାରେ କୃଷି କେବଳ ଏକ ବୃତ୍ତି ନୁହେଁ – ଏହା ଆମର ପରିଚୟ, ଆମର ପରମ୍ପରା ଏବଂ ଲକ୍ଷ ଲକ୍ଷ କୃଷକ ପରିବାରର ଜୀବନରେଖା ଯେଉଁମାନେ ଆଶା ଆକାଂକ୍ଷା ନେଇ ଅଟଳତା ସହିତ କୃଷିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥାନ୍ତି  । ଆମର ପାରମ୍ପରିକ ଜ୍ଞାନକୌଶଳ ସହ ଆଜିର ଜଳବାୟୁ-ଅନୁକୂଳ ବିଜ୍ଞାନଭିତ୍ତିକ ଚାଷ ପଦ୍ଧତିକୁ ଆପଣେଇ ଆମର ଅନ୍ନଦାତାମାନେ ଦେଶର ଖାଦ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିବା ସହ ଗ୍ରାମୀଣ ସମାଜକୁ ସୁଦୃଢ଼ କରିପାରିଛନ୍ତି ।  **ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଭାଷାରେ** :

**"ଅସ୍ଥିର ଏ ଭବର ବେଭାର**
**କିଛି ଚିର ନ ରହେ କାହାର**
**ଆଜି ସେ ମୁକୁଟଧାରୀ, କାଲି ସେ ବାଟ ଭିକାରୀ,**
**କିନ୍ତୁ ତୁହି କୃଷକ ରେ ଚିରକାଳ ରହି**
**ନିଜ ରକ୍ତଦାନେ ପାଳୁଁ ଏ ବିଶାଳ ମହୀ ।"**

**"ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ"** ଭାବନାରେ ପରିଚାଳିତ ହୋଇ ଆମର କୃଷକମାନେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଜମି ଚାଷ କରି ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ସହିତ ଗ୍ରାମୀଣ ଅର୍ଥନୀତିକୁ ବଜାୟ ରଖିବାରେ ରାଜ୍ୟ ଅର୍ଥନୀତିକୁ ସୁଦୃଢ ରଖିଛନ୍ତି ।

**23.** କୃଷକଙ୍କ ଆୟ ବୃଦ୍ଧିକୁ ସୁନିଶ୍ଚିତ କରି ସେମାନଙ୍କୁ ଅର୍ଥନୈତିକ ମୁଖ୍ୟସ୍ରୋତରେ ଦୃଢ଼ ଭାବରେ ସାମିଲ କରିବା ପାଇଁ ଏକ ନିର୍ଣ୍ଣାୟକ ଏବଂ ଐତିହାସିକ ପଦକ୍ଷେପ ସ୍ୱରୂପ, ଆମ ସରକାର **"ସମୃଦ୍ଧ କୃଷକ"** ଯୋଜନାର ଶୁଭାରମ୍ଭ କରିଛନ୍ତି, ଯାହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟ ର ସୁବିଧା ଯୋଗାଇ ଦିଆଯାଉଛି । ଏପରି ଗୁରୁତ୍ୱପୂର୍ଣ୍ଣ କୃଷି ଅନୁକୂଳ ସଂସ୍କାର ପ୍ରତି ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଦୋହରାଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ଅଧୀନରେ ୬ ହଜାର ୮୮ **କୋଟି ଟଙ୍କା**ର ପ୍ରସ୍ତାବ ରଖାଯାଇଛି । ଚାଷୀମାନଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମୁଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ **୫ ହଜାର କୋଟି ଟଙ୍କା**ର ଏକ **ଆବର୍ତ୍ତନ** ପାଣ୍ଠି **(Revolving Fund)** ଗଠନ କରିବାକୁ ପ୍ରସ୍ତାବ ଦେଉଛି ।

**24.** ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ରେ କ୍ଷତି ହ୍ରାସ କରିବା ଏବଂ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବୈଜ୍ଞାନିକ ଭଣ୍ଡାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିକୋଣରୁ ଆମ ସରକାରଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟାପକ ବିଶ୍ଳେଷଣକୁ ଆଧାର କରି ରାଜ୍ୟରେ ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**25.** ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ପହଞ୍ଚାଇ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରି ଆସୁଛନ୍ତି । ୨୦୨୫-୨୬ ବର୍ଷରେ ୩ ହଜାର

୨ ଶହ ୩୬ ଜଣ PVTG ଚାଷୀ, ୩୧ ହଜାର ୬ ଶହ ୯୫ ଜଣ ସହରାଞ୍ଚଳ ଚାଷୀ ଏବଂ ୩୯ ହଜାର ୨ ଶହ ୩୯ ଜଣ ଭୂମିହୀନ କୃଷି ପରିବାର ସମେତ ୫୧ ଲକ୍ଷ ୫୬ ହଜାର କୃଷକଙ୍କ ନିକଟରେ ଏହି ସହାୟତା ପହଞ୍ଚିପାରିଛି । ଏହି ପ୍ରମୁଖ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ **୨ ହଜାର ୩୦ କୋଟି** ଟଙ୍କାର ପ୍ରସ୍ତାବ ରହିଛି ।

**26.** ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ ପୁଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ପୁଷ୍ଟିକର ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ **'ଶ୍ରୀ ଅନ୍ନ ଅଭିଯାନ'** ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ **୪ ଶହ କୋଟି** ଟଙ୍କାର ବ୍ୟବସ୍ଥା ରହିଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**27.** ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଅଛି । ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ଆଦି ପଦକ୍ଷେପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ **ମୋଟ ୪ ଶହ ୬୯ କୋଟି** ଟଙ୍କାର ବ୍ୟୟ ବରାଦ ରହିଛି ।

**28.** ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପାଇଁ ଉଚ୍ଚ-ମୂଲ୍ୟଯୁକ୍ତ ବାଣିଜ୍ୟ ଉପଯୋଗୀ ଏବଂ ଜୈବିକ ଚାଷର ସୁପରିକଳ୍ପନା କରି ୬ ଟି ଜିଲ୍ଲା ରେ କଫି ଚାଷ ପାଇଁ **୧ ଶହ ୫୦ କୋଟି** ଟଙ୍କାର ପ୍ରସ୍ତାବ ରହିଥିବା ବେଳେ **"ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ଆଖୁ ଚାଷ"** ନିମନ୍ତେ **୨୭ କୋଟି ଟଙ୍କା** ଏବଂ **ବଳଭଦ୍ର ଜୈବିକ ଚାଷ** ମିଶନ ନିମନ୍ତେ **୨୮ କୋଟି ଟଙ୍କାର** ବ୍ୟବସ୍ଥା ରହିଛି ।

**29.** ଓଡ଼ିଶାର କୃଷି-ଜୈବ ବିବିଧତା ଏବଂ ପାରମ୍ପରିକ ଖାଦ୍ୟ ପ୍ରଣାଳୀର ସମୃଦ୍ଧି ଓ ପୁନରୁଦ୍ଧାର ପାଇଁ ଆମ ସରକାର ଚଳିତ ଆର୍ଥିକ ବର୍ଷରେ "**ଓଡ଼ିଶାରେ ବିସ୍ମୃତ ଖାଦ୍ୟ/ ଅବହେଳିତ ଶସ୍ୟର ପୁନରୁଦ୍ଧାର"** ଯୋଜନା ଆରମ୍ଭ କରିଛନ୍ତି ଯାହା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ **୫୫ କୋଟି** ଟଙ୍କାର ପ୍ରସ୍ତାବ ରହିଛି ।

**30. "କୃଷି ଉପକରଣର ଲୋକପ୍ରିୟତା**" ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪ ଶହ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି । କୃଷି- ଉଦ୍ୟୋଗୀକତା ଏବଂ ଗ୍ରାମୀଣ ଜୀବିକାର ସଶକ୍ତିକରଣ ପାଇଁ ରାଜ୍ୟ କୃଷି ନୀତି ରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡିକୁ ପୁଞ୍ଜି ନିବେଶ ସହାୟତା ବାବଦକୁ ୪ ଶହ ୪୧ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଥିବାବେଳେ ନୂତନ "**ଶୀତଳ ଭଣ୍ଡାର ନୀତି"** ରେ ଅମଳ ପରବର୍ତ୍ତୀ ଭିତ୍ତିଭୂମିକୁ ମଜବୁତ କରିବା ଉଦ୍ଦେଶ୍ୟରେ ୬୩ କୋଟି ଟଙ୍କା ର ପ୍ରସ୍ତାବ ରହିଛି ।

**31.** "**ନାରୀ ଶକ୍ତି ସମାଜର ଶକ୍ତି**" — ଏହି ଆହ୍ୱାନରେ ପ୍ରେରିତ ହୋଇ ଆମ ସରକାର ଉଦ୍ୟୋଗୀକରଣ ଏବଂ ଗ୍ରାମାଞ୍ଚଳ ସ୍ଥାୟୀ ଜୀବିକାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଭୂମିକାକୁ ପ୍ରାଥମିକତା ଦେଇଆସୁଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ହେବାକୁ ଥିବା ଫୁଲ ଓ ଛତୁ ଚାଷ ବାବଦକୁ ୫୭ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ଏହା ସହିତ କୃଷି ଉତ୍ପାଦକ କ୍ଲଷ୍ଟରଗୁଡ଼ିକୁ ସୁଦୃଢ଼ କରିବା ପାଇଁ **୩୮ କୋଟି** ଟଙ୍କା ବ୍ୟୟବରାଦ କରାଯାଇଛି ।

**32.** ଉଦ୍ୟାନ କୃଷିରେ ଫସଲ-ନିର୍ଦ୍ଦିଷ୍ଟ କ୍ଲଷ୍ଟରଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟାନ କୃଷି ଫସଲ-ନିର୍ଦ୍ଦିଷ୍ଟ ଯୋଜନା, ମସଲା ମିଶନ୍ ସମେତ ଆଳୁ ଚାଷର ଉନ୍ନୟନ ଏବଂ ଉଦ୍ୟାନ କୃଷି ମିଶନ ପ୍ଲସ ମାଧ୍ୟମରେ କ୍ଷେତ୍ରଫଳ ବିସ୍ତାର,

ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବଜାର ସଂଯୋଗକୁ ବୃଦ୍ଧି କରାଯାଉଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ, ଏଥିପାଇଁ ମୋଟ ୫ ଶହ ୪୪ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ କରାଯାଇଛି ।

**33.** ରାଜ୍ୟ ସରକାର, ଭାରତ ସରକାରଙ୍କ ସହିତ ଘନିଷ୍ଠ ସହଭାଗୀତାରେ, ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ପ୍ରମୁଖ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ଏହି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ମଧ୍ୟରେ ନବସୃଜନ ଆଧାରିତ ଅଭିବୃଦ୍ଧି ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ **୧ ଶହ ୬୦ କୋଟି** ଟଙ୍କା, କୃଷି ଯାନ୍ତ୍ରିକୀକରଣ ପାଇଁ କୃଷି ଯାନ୍ତ୍ରିକୀକରଣ ଉପ-ମିଶନ ଅଧୀନରେ **୨ ଶହ ୫୦ କୋଟି** ଟଙ୍କା, କୃଷି ସମ୍ପ୍ରସାରଣ ଉପ-ମିଶନ ବାବଦକୁ **୧ ଶହ ୩୧ କୋଟି ଟଙ୍କା,** ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ **୨ ଶହ 2 କୋଟି ଟଙ୍କା,** ଉଦ୍ୟାନ କୃଷିର ସମନ୍ୱିତ ବିକାଶ ମିଶନ ଅଧୀନରେ **୧ ଶହ ୪ କୋଟି ଟଙ୍କା** ଅନ୍ତର୍ଭୁକ୍ତ । Pradhan Mantri Krishi Sinchai Yojana (PMKSY) - Per Drop More Crop (PMKSY-PDMC) ସହିତ ଅନ୍ୟାନ୍ୟ ଯୋଜନାର ସମର୍ଥନରେ, ଏହି ପଦକ୍ଷେପଗୁଡିକ ଓଡିଶାରେ ସ୍ଥାୟୀ, ପ୍ରଯୁକ୍ତି-ନିର୍ଭର ଓ କୃଷକ-କେନ୍ଦ୍ରିତ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଦୃଢ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

**ମାନ୍ୟବର ବାଚସ୍ପତି ମହୋଦୟା,**

**34.** ୨୦୨୬-୨୭ ଆର୍ଥିକ ବର୍ଷରେ, ଜଳ ଭିତ୍ତିଭୂମି ଏବଂ ଜଳସେଚନକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରମୁଖ ସଂସ୍କାର ଏବଂ ପଦକ୍ଷେପ ନିଆଯିବ । ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ଉପଲବ୍ଧତାରେ ଉନ୍ନତି ଆଣିବା ନିମନ୍ତେ **ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା** କାର୍ଯ୍ୟକାରୀ କରାଯିବ । ଏଥିପାଇଁ ବଜେଟ୍ ରେ

**୧୦ କୋଟି ଟଙ୍କା** ର ପ୍ରସ୍ତାବ ରହିଛି। ମହାନଦୀ ତଟବର୍ତ୍ତୀ ସୁରକ୍ଷା, ସହରାଞ୍ଚଳ ସହନଶୀଳତା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ନିମନ୍ତେ ୮୦ **କୋଟି ଟଙ୍କା** ବ୍ୟୟ ଅଟକଳରେ **ମହାନଦୀ ନଦୀ କୂଳ ବିକାଶ ଯୋଜନା** ଜାରି ରହିବ । ଜଳସେଚନ ବିଶ୍ୱସନୀୟତା ବୃଦ୍ଧି ତଥା ପୁରୁଣା ଓ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମିର **ପୁନରୁଦ୍ଧାର** ପାଇଁ Improvement to Diversion Weirs Scheme ରେ ୧ ଶହ କୋଟି **ଟଙ୍କାର** ପ୍ରସ୍ତାବ ଥିବାବେଳେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ନଦୀ ପରିବହନ କ୍ଷମତାକୁ ସୁଦୃଢ଼ କରିବା ପାଇଁ **ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ୫ ଶହ ୩୦ କୋଟି ଟଙ୍କାର** ବ୍ୟୟ ବରାଦ ରହିଛି । In-Stream Storage Structure Programme **ଯୋଜନାରେ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଅଧୀନରେ ୧ ଶହ ୮୦ କୋଟି ଟଙ୍କା , ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନାରେ ୨ ଶହ ୮୦ କୋଟି ଟଙ୍କାର ବ୍ୟୟ ବରାଦ ରେ** ଚେକ୍ ଡ୍ୟାମ୍ ଏବଂ ଜଳସେଚନ ସମ୍ଭାବନା ସୃଷ୍ଟି **ଏବଂ** ପରିବେଶ ସ୍ୱାସ୍ଥ୍ୟକୁ ପୁନଃସ୍ଥାପିତ କରି ସ୍ଥାୟୀ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ଆମ ପ୍ରାଚୀନ ନଦୀକେନ୍ଦ୍ରିକ ଐତିହ୍ୟକୁ ପୁନରୁଜ୍ଜୀବିତ କରିବାପାଇଁ **ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ 'ସଞ୍ଜୀବନୀ'** ମାଧ୍ୟମରେ ଜଳ ସଂରକ୍ଷଣ ପଦକ୍ଷେପର ସମ୍ପ୍ରସାରଣ ଜାରି ରହିବ, ଏଥି ପାଇଁ **୧ ଶହ କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**35.** ଓଡ଼ିଶାକୁ ଜଳ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଆମ ସରକାର **୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା ଉପଲବ୍ଧ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା ମଧ୍ୟରୁ** ୨୦୨୬-୨୭ **ଆର୍ଥିକ ବର୍ଷରେ ୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ** ଆଧୁନିକ ପ୍ରଯୁକ୍ତି ଏବଂ ଚାହିଦା ଆଧାରିତ ଜଳସେଚନ ପରିଚାଳନାର ଲକ୍ଷ୍ୟ ରଖାଯାଇଛି । ଏହି ବର୍ଷ ଆମ ସରକାର କୁସୁମି ସ୍ମାର୍ଟ

ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବେ । ଏହି ବର୍ଷ ମଧ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକ ଯଥା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, Lower Suktel ଜଳସେଚନ ପ୍ରକଳ୍ପ, Upper Lanth, Turi-Guntat ପ୍ରକଳ୍ପର ଅଗ୍ରଗତି ସହିତ Sandul Barrage Project ର ନିର୍ମାଣ କାର୍ଯ୍ୟ ଜାରି ରହିବ। Sono, Bankatira, Bhimkund, Jharpada, Hidsing, Mankada ଭଳି ନୂତନ ଜଳସେଚନ ପ୍ରକଳ୍ପର ସମଗ୍ର ରାଜ୍ୟରେ ଜଳ ନିରାପତ୍ତାକୁ ଆହୁରି ମଜବୁତ କରିବ ।

**36.** ଆୟକଟର ସ୍ଥିରୀକରଣ ଲକ୍ଷ୍ୟ ରଖି ୮୦ କୋଟି ଟଙ୍କା ବ୍ୟବସ୍ଥା ସହିତ ଟ୍ୟାଙ୍କ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତି ମାଧ୍ୟମରେ ନିମ୍ନ ପ୍ରଭାଗୀ ଅଞ୍ଚଳକୁ ଜଳସେଚନ ସୁନିଶ୍ଚିତ କରାଯିବ। ଏହା ବ୍ୟତୀତ, ବ୍ୟାପକ ଉଦ୍ୟାନ କୃଷି ବୃଦ୍ଧି ଏବଂ ପରିବର୍ତ୍ତନ ପଦ୍ଧତି ଏବଂ ଗ୍ରାମୀଣ ଏବଂ ସହରାଞ୍ଚଳ ପାଇଁ ଆବଣ୍ଟନ ଯୋଜନା ଅଧୀନରେ **୫୩ କୋଟି ଟଙ୍କା** ବ୍ୟୟ ପ୍ରସ୍ତାବ ରହିଛି ଯାହା ଦ୍ୱାରା ରାଜ୍ୟର ଜଳ ସଙ୍କଟ କ୍ଷେତ୍ରରେ ଭୂତଳ ଜଳ ପୁନଃ କାର୍ଯ୍ୟକ୍ଷମ ହେବା ସହ ସ୍ଥାୟୀ ଜଳ ପରିଚାଳନାକୁ ପ୍ରୋତ୍ସାହିତ କରାଯାଇପାରିବ ।

**37.** ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅଧୀନରେ ଚାଲୁଥିବା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପ୍ରକଳ୍ପ ସମାପ୍ତିକୁ ତ୍ୱରାନ୍ୱିତ କରିବା ଏବଂ ଉଚ୍ଚଭୂମି ଅଞ୍ଚଳଗୁଡ଼ିକରେ ଜଳସେଚନକୁ ବୃଦ୍ଧି କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୩୨ ଟି ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଛି ଯାହା ଅତିରିକ୍ତ ଜଳସେଚନ ସମ୍ଭାବନା ସୃଷ୍ଟି କରିବ। ୨୦୨୬-୨୭ ଆର୍ଥିକ ବର୍ଷରେ ବୃହତ ଉଠା ଜଳସେଚନର ସମ୍ପ୍ରସାରଣ, ୨୦ ହଜାର ଗଭୀର ନଳକୂପ ଖନନ, ୨ ହଜାର ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ ଉଠା ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ଏବଂ

ସୁଦୃଢ଼ୀକରଣକୁ ସମର୍ଥନ କରିବା ପାଇଁ ୨ **ହଜାର ୨୯ କୋଟି ଟଙ୍କାର** ଏକ ସମନ୍ୱିତ ବଜେଟ ବ୍ୟବସ୍ଥା ପ୍ରସ୍ତାବିତ ହୋଇଛି ।

**38.** ୨୦୨୬-୨୭ ଆର୍ଥିକ ବର୍ଷରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା ଯୋଜନା ଅଧୀନରେ ଶେଷ ମାଇଲ ପର୍ଯ୍ୟନ୍ତ ଦକ୍ଷ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୨ ଶହ ୮୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ସହିତ ପ୍ରାୟ ୩୮ ହଜାର ହେକ୍ଟର ଅଞ୍ଚଳ ପରିସରଭୁକ୍ତ କ୍ଷେତ୍ର ଚ୍ୟାନେଲଗୁଡ଼ିକର ନିର୍ମାଣ ଏବଂ ପୁନଃନିର୍ମାଣ ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନା ଅଧୀନରେ ପରିବହନ ଜନିତ କ୍ଷତି ହ୍ରାସ କରିବା ପାଇଁ ୧ ଶହ ୬୦ କିଲୋମିଟର କେନାଲ ଲାଇନିଂ ନିର୍ମାଣ ନିମନ୍ତେ **୪ ଶହ କୋଟି ଟଙ୍କା** ଆବଣ୍ଟନ କରାଯାଇଛି । ଏହା ବ୍ୟତୀତ **ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା** ଅଧୀନରେ **୧ ଶହ ୮୦ କୋଟି ଟଙ୍କା** ବ୍ୟୟବରାଦ ସହିତ ଆୟାକଟର ପୁନରୁଦ୍ଧାର, ସ୍ଥିରତା ଏବଂ ସମ୍ପ୍ରସାରଣର ଯୋଜନା ରଖାଯାଇଛି । ଏଥିସହ, ଜଳବାୟୁ-ଅନୁକୂଳ ଜଳସେଚନ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇ ବିଶ୍ୱ ବ୍ୟାଙ୍କ ସହାୟତାରେ ଚାଲୁଥିବା **ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ** ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ **୩ ଶହ ୪୫ କୋଟି ଟଙ୍କାର** ପ୍ରସ୍ତାବ ରଖାଯାଇଛି ।

**39.** ବିଶ୍ୱ ବ୍ୟାଙ୍କ ସହାୟତାରେ ଡ୍ୟାମ୍ ଥଇଥାନ ଏବଂ ଉନ୍ନତି କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ହୀରାକୁଦ ଡ୍ୟାମ୍‌ର ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ, ନିରୀକ୍ଷଣାଧୀନ ନିୟନ୍ତ୍ରଣ ଓ ତଥ୍ୟ ସଂଗ୍ରହ ପ୍ରଣାଳୀ ବ୍ୟବହାର କରି ଗେଟ୍ ସ୍ୱୟଂଚାଳିତକରଣ ଏବଂ ବିପର୍ଯ୍ୟସ୍ତ ଡ୍ୟାମ୍‌ଗୁଡ଼ିକର ସର୍ଭେ-ଭିତ୍ତିକ ଥଇଥାନ କାର୍ଯ୍ୟ ନିମନ୍ତେ ୨୦୨୬-୨୭ ଆର୍ଥିକ ବର୍ଷରେ ୧ ଶହ ୧୫ କୋଟି ଟଙ୍କାର ପ୍ରସ୍ତାବ ରହିଛି । ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା – ହର କ୍ଷେତ୍ କୋ ପାନି ଅଧୀନରେ ୫ ଶହ ୭୪ଟି

ଜଳସେଚନ  ପ୍ରକଳ୍ପର ମରାମତି, ପୁନର୍ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିବ । ଏହା ସହିତ ପ୍ରାୟ 12 ହଜାର ହେକ୍ଟର ରୁ ଅଧିକ ଆୟାକଟ୍ କ୍ଷେତ୍ରର ସ୍ଥିରତାକୁ ଲକ୍ଷ୍ୟ କରି ପ୍ରକଳ୍ପର ମରାମତି, ପୁନର୍ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟମାନ ମଧ୍ୟ ଅବ୍ୟାହତ ରହିବ ଏବଂ ଏଥି ପାଇଁ ୧ ଶହ ୧ କୋଟି ଟଙ୍କାର ପ୍ରସ୍ତାବ ରହିଛି । ୧ ହଜାର ୭ ଶହ କିଲୋମିଟର  ନାଳ ଏବଂ ୨୫  ହଜାର ହେକ୍ଟର ଜଳବନ୍ଦୀ ଚାଷ ଜମି ପୁନରୁଦ୍ଧାର ନିମନ୍ତେ ଜଳ ନିଷ୍କାସନ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ **୩ ଶହ ୬୫ କୋଟି** ଟଙ୍କାର ପ୍ରସ୍ତାବ ରହିଛି । ଡ୍ୟାମ୍, ବ୍ୟାରେଜ୍ ଏବଂ ଆନ୍ତଃ-ନଦୀ ଜଳଭଣ୍ଡାରରେ ଥିବା ୫  ଶହ ୭୩  ଗେଟ୍ ଗୁଡିକୁ ସ୍ୱୟଂଚାଳିତକରଣ କରି ଦକ୍ଷ ଜଳ ନିୟନ୍ତ୍ରଣ ପାଇଁ ୩୦ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା ରହିଥିବାବେଳେ Gating of Ungated Spillways ଯୋଜନା ମାଧ୍ୟମରେ ପ୍ରାୟ **୧୯ ହଜାର ହେକ୍ଟର** ଜମିରେ ସ୍ଥିରତା ଏବଂ **୨ ହଜାର ୭ ଶହ ୫୦ ହେକ୍ଟର** ଜମିରେ ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ **୪୦ କୋଟି ଟଙ୍କାର** ବ୍ୟବସ୍ଥା ରହିଛି ।

**40.** ଜଳ ପରିଚାଳନାରେ ଦକ୍ଷତା, ପାରଦର୍ଶିତା ଏବଂ ସେବା ବିତରଣ ପାଇଁ ସରକାର ସୂଚନା ପ୍ରଯୁକ୍ତିର ଉପଯୋଗ କରୁଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷରେ **କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର (Command & Control Centre)** ଉପରେ ଧ୍ୟାନ ଦିଆଯାଇ ବାସ୍ତବ ସମୟରେ ବନ୍ୟା ପୂର୍ବାନୁମାନ, ପ୍ରକଳ୍ପ ଅନୁଧ୍ୟାନ ଏବଂ କେନାଲ ପରିଚାଳନା **ପାଇଁ GOWATER IT Module ର** ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମତା, ବ୍ୟାରେଜ ଏବଂ ଆନ୍ତଃନଦୀ ଜଳଭଣ୍ଡାର ଗେଟ୍ ଗୁଡିକର ସ୍ୱୟଂଚାଳିତକରଣ, OLIC ପାଇଁ ଏକ ବିକଶିତ MIS dashboard, ଏବଂ ଶିଳ୍ପ ଜଳ ଯୋଗାଣ ପରିମାପ ପାଇଁ IoT ମିଟର ସ୍ଥାପନା ଇତ୍ୟାଦି ପଦକ୍ଷେପ ନିମନ୍ତେ **୧୦ କୋଟି ଟଙ୍କାର** ବଜେଟ୍ ବ୍ୟବସ୍ଥା କରାଯାଇଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**41.** ସରକାର **ବ୍ଲୁ – ଅର୍ଥନୀତି (Blue Economy)** ଢାଞ୍ଚା ଅଧୀନରେ ଓଡ଼ିଶାର ମତ୍ସ୍ୟଚାଷକୁ ଅର୍ଥନୈତିକ ଅଭିବୃଦ୍ଧିର ଏକ ମୁଖ୍ୟ ଚାଳକ ଭାବେ ଗଢ଼ି ତୋଳିବାକୁ ପ୍ରତିଶ୍ରୁତିବଦ୍ଧ ହେବା ସହ ୨୦୪୭ ସୁଦ୍ଧା କୃଷି GSDPର ୨୦ ରୁ ୨୫ ପ୍ରତିଶତ ଅଂଶ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ବିକାଶ ବିଭାଗ ପାଇଁ ମୁଁ **୨ ହଜାର ୧୯ କୋଟି** ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଉଛି। ଏହି ପ୍ରୟାସଗୁଡ଼ିକ ମଧ୍ୟରେ ଚିଙ୍ଗୁଡ଼ି ଚାଷର ସମ୍ପ୍ରସାରଣ, ଗଭୀର ସମୁଦ୍ରରେ ମାଛ ଧରିବାକୁ ପ୍ରୋତ୍ସାହନ, ଆଧୁନିକ ମାଛଧରା ବନ୍ଦର, ମାଛ ଅବତରଣ କେନ୍ଦ୍ର, ମଧୁରଜଳ ମାଛ ଚାଷ କ୍ଲଷ୍ଟର, କଙ୍କଡ଼ା ଚାଷ ଏବଂ ରପ୍ତାନି ସକ୍ଷମ ଭିତ୍ତିଭୂମି ଅନ୍ତର୍ଭୁକ୍ତ ।

**42.** ୧୦ ହଜାର ହେକ୍ଟରରୁ ଅଧିକ ପରିବେଶ ଅନୁକୂଳ ଜଳଚାଷକୁ ସମ୍ପ୍ରସାରିତ କରିବା, ଚିଙ୍ଗୁଡ଼ି ରପ୍ତାନିକୁ ବାର୍ଷିକ ୨ ଲକ୍ଷ ଟନ୍ ବୃଦ୍ଧି କରି ୧୨ ହଜାର କୋଟି ଟଙ୍କା ଆୟ କରିବା ଏବଂ ନିଯୁକ୍ତି, ତାଲିମ ଏବଂ ଉଚ୍ଚ ଆୟ ମାଧ୍ୟମରେ ୨ ଲକ୍ଷରୁ ଅଧିକ ଚାଷୀଙ୍କୁ ଉପକୃତ କରିବା ଓଡ଼ିଶା ଚିଙ୍ଗୁଡ଼ି ମିଶନର ଲକ୍ଷ୍ୟ ଅଟେ । ମୂଲ୍ୟ ବୃଦ୍ଧି, କଣ୍ଟେନର ଆଧାରିତ ରପ୍ତାନି ଏବଂ ଆବଶ୍ୟକ ସଂସ୍କାରକୁ କୁ ଆଖି ଆଗରେ ରଖି ଏକ ଜଳଚାଷ ଏବଂ ଚିଙ୍ଗୁଡ଼ି ରପ୍ତାନି ସେଲ୍ ଗଠନ ପାଇଁ ପ୍ରସ୍ତାବ ରହିଛି ।

**43.** ଯଥା ସମ୍ଭବ ବ୍ୟବହାର ହୋଇନଥିବା ଉପକୂଳ ଅଞ୍ଚଳ ଏବଂ ଗଭୀର ସମୁଦ୍ର ସମ୍ପଦକୁ ବ୍ୟବହାର କରି ଓଡ଼ିଶାର ସାମୁଦ୍ରିକ ମାଛ ଉତ୍ପାଦନକୁ ବୃଦ୍ଧି କରିବା ଗଭୀର ସମୁଦ୍ରରେ ମାଛଧରା ମିଶନର ଉଦ୍ଦେଶ୍ୟ। ପାଞ୍ଚ ବର୍ଷ ମଧ୍ୟରେ ୧ ଶହ ୫୦ଟି ନୂତନ ଗଭୀର ସମୁଦ୍ର ଜାହାଜ ନିର୍ମାଣ ଏବଂ ୫ ଶହ ଯାନ୍ତ୍ରିକ ଡଙ୍ଗାର ଉନ୍ନତିକରଣ କରି ଆଧୁନିକ ମାଛ ବଜାର ସହିତ ପାରାଦୀପ, ଧାମରା, ଚାନ୍ଦିପୁର ଏବଂ

ଅସ୍ତରଙ୍ଗରେ ବନ୍ଦରର ବିକାଶ କରାଯିବ । ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ - କେନ୍ଦ୍ରୀୟ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ସହଯୋଗରେ ଏହି ମିଶନ ସାମୁଦ୍ରିକ ଅବତରଣକୁ ବାର୍ଷିକ ୧ ଲକ୍ଷ ମେଟ୍ରିକ ଟନ୍ ବୃଦ୍ଧି କରିବ, ଯାହା ପ୍ରତ୍ୟକ୍ଷ ଭାବେ ୧୦ ହଜାର ମତ୍ସ୍ୟଜୀବୀଙ୍କୁ ଉପକୃତ କରିବା ସହ ପରୋକ୍ଷରେ ୧ ଲକ୍ଷ ଲୋକଙ୍କୁ ସହାୟତା ଦେବ ବୋଲି ଆଶା କରାଯାଉଛି ।

**44.** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷରେ ସହାୟତା ଯୋଗାଇ ଦେବା, ମାଛ ବିହନ ହାଚେରୀ ପ୍ରତିଷ୍ଠା କରିବା, ବର୍ଷସାରା ଗୁଣାତ୍ମକ ମାଛ ଯାଆଁଳ ଯୋଗାଣ ପାଇଁ ବିହନ ଉତ୍ପାଦନକାରୀଙ୍କ ଏକ ନେଟୱାର୍କ ବିକଶିତ କରିବା ଏବଂ **ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନାକୁ** ଉପଯୋଗୀ କରିବା ନିମନ୍ତେ **ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ୨ ଶହ ୧ କୋଟି ଟଙ୍କା** ଆବଣ୍ଟନର ପ୍ରସ୍ତାବ ରହିଛି । ଅସ୍ତରଙ୍ଗ ମାଛଧରା ବନ୍ଦରର ଆଧୁନିକୀକରଣ ଏବଂ ଗୋପାଳପୁରରେ ଗଭୀର ସମୁଦ୍ରରେ ମାଛଧରା ବନ୍ଦର ନିର୍ମାଣ ସମେତ ୪୦ ଟି ହିତାଧିକାରୀ ଭିତ୍ତିକ ଯୋଜନାକୁ ପ୍ରଭାବଶାଳୀ କରିବା ନିମନ୍ତେ **ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୨ ଶହ ୪୫ କୋଟି ଟଙ୍କାର** ପ୍ରସ୍ତାବ ରହିଛି ।

**45.** ପ୍ରାଣୀସମ୍ପଦ ଉତ୍ପାଦକତା ଏବଂ କୃଷକଙ୍କ ଆୟରେ ବୃଦ୍ଧି ସହ ପ୍ରାଣୀ ଚିକିତ୍ସା ସେବାକୁ ମଜବୁତ କରିବା ପାଇଁ ଆମ ସରକାର ପ୍ରାଣୀ ସମ୍ପଦ ବିକାଶ ଅଧୀନରେ ଏକ ବ୍ୟାପକ ରଣନୀତି କାର୍ଯ୍ୟକାରୀ କରୁଛନ୍ତି । ଉନ୍ନତ କିସମ, ଯାନ୍ତ୍ରିକ କୁକୁଡ଼ା ଫାର୍ମ, ପ୍ରାଣୀ ସମ୍ପଦ ସେବା କେନ୍ଦ୍ର, ପ୍ରାଣୀ ଚିକିତ୍ସା ପଲିକ୍ଲିନିକ୍, ଟିକା ଉତ୍ପାଦନ, ଦୁଗ୍ଧ ଉତ୍ପାଦନ ଏବଂ ମାଂସ ପ୍ରକ୍ରିୟାକରଣରେ ଅଧିକ ଘରୋଇ ଭାଗିଦାରୀ ଉପରେ ଧ୍ୟାନ

ଦିଆଯାଉଛି । ଏହି ନିରନ୍ତର ପ୍ରୟାସ ସହିତ ଓଡ଼ିଶା ୨୦୪୭ ସୁଦ୍ଧା ଆତ୍ମନିର୍ଭରଶୀଳତା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ବାର୍ଷିକ ୧ ହଜାର ୭ ଶହ କୋଟି ଅଣ୍ଡା, ଦିନକୁ ୨ ଶହ ୭୪ ଲକ୍ଷ ଲିଟର ଦୁଗ୍ଧ ଏବଂ ୮ ଲକ୍ଷ ମେଟ୍ରିକ୍ ଟନ୍ ମାଂସ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି, ଯଦ୍ବାରା ପଶୁପାଳନ ଗ୍ରାମୀଣ ସମୃଦ୍ଧି ଏବଂ ପୁଷ୍ଟି ନିରାପତ୍ତାର ଏକ ପ୍ରମୁଖ ସ୍ତମ୍ଭରେ ପରିଣତ ହୋଇପାରିବ ।

**46.** ପ୍ରାଣୀସମ୍ପଦ ଉତ୍ପାଦକତା ବୃଦ୍ଧି ଏବଂ କୃଷକଙ୍କ ଆୟକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି । ଆର୍ଥିକ ବର୍ଷ ୨୦୨୪-୨୫ ରେ ଆରମ୍ଭ କରାଯାଇଥିବା **ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହାୟତାରେ** ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧ ଶହ ୫୯ **କୋଟି ଟଙ୍କା** ବ୍ୟୟ ଅଟକଳର ପ୍ରସ୍ତାବ ରହିଛି । ସେହିଭଳି, ପ୍ରାଣୀସମ୍ପଦ ବିକାଶ ଏବଂ କୃଷକ ସହାୟତା କୁ ଦୃଷ୍ଟିରେ ରଖି **ପ୍ରାଣୀ ସମୃଦ୍ଧି ଯୋଜନାରେ ୧ ଶହ ୮୫ କୋଟି** ଟଙ୍କାର ପ୍ରସ୍ତାବ ରହିଛି । ପ୍ରାଣୀ ଚିକିତ୍ସାଳୟ, ଡିସପେନସାରୀ, ପଶୁପାଳନ ସହାୟତା କେନ୍ଦ୍ର ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଇତ୍ୟାଦି ମାଧ୍ୟମରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେବା ଅନ୍ତର୍ଭୁକ୍ତ । ଠିକ୍ ସମୟରେ ନିଦାନ, ପ୍ରତିଷେଧକ ଯତ୍ନ ଏବଂ ପଶୁ ରୋଗର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ **ଗୋମାତା ଯୋଜନା ଅଧୀନରେ ୫୭ କୋଟି ଟଙ୍କାର ପ୍ରସ୍ତାବ ରହିଛି ।**

**47.** ଉନ୍ନତ ପ୍ରାଣୀ ଚିକିତ୍ସା ସେବାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ସରକାର ଫୁଲନଖରାରେ ଏକ 24×7 Referral ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଉଛନ୍ତି । ଆଧୁନିକ ରୋଗ ନିର୍ଣ୍ଣୟ ଏବଂ ସ୍ବତନ୍ତ୍ର ୟୁନିଟ୍ ଦ୍ବାରା ସମର୍ଥିତ ଏହି ଚିକିତ୍ସାଳୟରେ ଆନ୍ତଃଗୃହ ଚିକିତ୍ସା, ଜରୁରୀକାଳୀନ ଏବଂ ବିଶେଷ ଯତ୍ନ ସହିତ ଦୈନିକ ୧ ଶହ ଆନ୍ତଃଗୃହ ପ୍ରାଣୀ ଏବଂ ୩ ଶହ ବର୍ହିବିଭାଗ ପ୍ରାଣୀଙ୍କୁ

ରଖିବାର କ୍ଷମତା  ରହିବ । ଏଥିପାଇଁ ବଜେଟ୍ ରେ ୧୦  କୋଟି ଟଙ୍କାର ପ୍ରସ୍ତାବ ରହିଛି ।

**48.** କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଉଚ୍ଚଶିକ୍ଷାକୁ ମଜବୁତ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଶିକ୍ଷାଗତ ଭିତ୍ତିଭୂମିକୁ  ବିସ୍ତାର କରାଯାଉଅଛି । ମୟୂରଭଞ୍ଜ ଜିଲ୍ଲାରେ ଏକ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ଏବଂ ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି  ଏବଂ ଏଥି ନିମିତ୍ତ ୨୦୨୬-୨୭ ଆର୍ଥିକ ବର୍ଷରେ **୨୦  କୋଟି ଟଙ୍କା**ର ପ୍ରସ୍ତାବ ରହିଛି । ଏହା ବ୍ୟତୀତ ଆଞ୍ଚଳିକ ଦକ୍ଷତା ବୃଦ୍ଧି, ଗବେଷଣାକୁ ପ୍ରୋତ୍ସାହନ ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୁଶଳୀ ମାନବ ସମ୍ବଳର ବିକାଶ ପାଇଁ ଚିପଲିମାରେ ଏକ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପଗୁଡ଼ିକ ପାଇଁ, ମୋଟ ୩୦  କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି ।

**49.** ଅସହାୟ ଓ ଜରାଗ୍ରସ୍ତ ପଶୁମାନଙ୍କର କଲ୍ୟାଣ ପାଇଁ ଆମ ସରକାର ନୂତନ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (MPKY) ଅଧୀନରେ ନୂତନ ଗୋଶାଳା ପ୍ରତିଷ୍ଠା, ସେମାନଙ୍କର  ଖାଦ୍ୟ, ରକ୍ଷଣାବେକ୍ଷଣ ଏବଂ  ସ୍ୱାସ୍ଥ୍ୟସେବା ପାଇଁ ଘରୋଇ ଗୋଶାଳାକୁ ସହାୟତା କରିବା ପାଇଁ ଏକ ଯୋଜନା ଆରମ୍ଭ କରିଛନ୍ତି । ଆହତ ଏବଂ ଅସହାୟ ପଶୁମାନଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସାରା ରାଜ୍ୟରେ ଟୋଲ୍ ଫ୍ରି ନମ୍ବର ୧୯୬୨  ସହିତ ୨୬ ଟି ସ୍ଥାନରେ ଆମ୍ବୁଲାନ୍ସ ସେବା ସୁବିଧା ରହିଛି । ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ମାନନୀୟା ବାଚସ୍ପତି ମହୋଦୟା,**

**50.** "**ସହଯୋଗ ମାଧ୍ୟମରେ ସମୃଦ୍ଧି**" ଦ୍ୱାରା ପରିଚାଳିତ ହୋଇ ଆମ ସରକାର ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ସର୍ବସମେତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ନିରନ୍ତର ରୂପେ ଚେଷ୍ଟିତ । କୃଷକ ଏବଂ ଗ୍ରାମୀଣ ସମୁଦାୟଙ୍କ ପରିବର୍ତ୍ତନଶୀଳ ଭୂମିକାକୁ ସ୍ୱୀକୃତି ଦେଇ ସେମାନଙ୍କ ସଶକ୍ତିକରଣ ଏବଂ ସାମାଜିକ-ଅର୍ଥନୈତିକ ପ୍ରଗତି ପାଇଁ ସମବାୟ ସମିତିଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରି ଆସୁଛନ୍ତି । ମୁଁ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସମବାୟ ବିଭାଗ ଅଧୀନରେ ୨ ହଜାର ୩ ଶହ ୩୪ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

**51.** ସମବାୟ କ୍ଷେତ୍ର ଅଧୀନରେ, ଅମଳ ପରବର୍ତ୍ତୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଦକ୍ଷ ସଂରକ୍ଷଣ ସୁନିଶ୍ଚିତ କରିବା ପାଇଁ ଆମ ସରକାର ଭାରତ ସରକାରଙ୍କ "ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାକୁ ସମର୍ଥନ କରୁଛି । ପ୍ରଥମ ପର୍ଯ୍ୟାୟରେ ୩୧ ହଜାର ୫ ଶହ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ୧୯ଟି ଗୋଦାମ ନିର୍ମାଣ କରାଯାଉଥିବା ବେଳେ ୧୦ଟି ଜିଲ୍ଲାରେ ଅତିରିକ୍ତ ୩ ଲକ୍ଷ ୯୭ ହଜାର ମେଟ୍ରିକ ଟନ ସଂରକ୍ଷଣ କରିବାର ଯୋଜନା ରହିଛି। ଏହା ଦ୍ୱାରା ନାଗରିକ ଯୋଗାଣ ନିଗମ (ସିଭିଲ୍ ସପ୍ଲାଏଜ୍ କର୍ପୋରେସନ୍) ଦ୍ୱାରା କ୍ରୟ କରାଯାଉଥିବା ଧାନ ଏବଂ ଚାଉଳର ସୁରକ୍ଷିତ ସଂରକ୍ଷଣକୁ ସକ୍ଷମ କରାଯାଇପାରିବ । ଏଥିପାଇଁ ବଜେଟରେ ୨ ଶହ ୪୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି । ଏହା ବ୍ୟତୀତ, ସମବାୟ କ୍ଷେତ୍ରରେ ଆଖୁ ଚାଷକୁ ପ୍ରୋତ୍ସାହନ ଦେବା ଏବଂ ଚିନି କଳ ଗୁଡିକୁ ପୁନର୍ଜୀବିତ କରିବାକୁ ଲକ୍ଷ୍ୟ ରଖି **ଆଖୁ ସମ୍ପ୍ରସାରଣ ଯୋଜନା** ଅଧୀନରେ **୫ କୋଟି** ଟଙ୍କାର ବ୍ୟବସ୍ଥା କରାଯାଇଛି ।

**52.** ପ୍ରାଥମିକ କୃଷି ସମବାୟ ସମିତି କୁ ଶେଷ ମାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ଭାବେ ସୁଦୃଢ଼ କରାଯାଉଛି । ଓଡ଼ିଶା ଭିଜନ-୨୦୩୬/୨୦୪୭ ଏବଂ ଭାରତ ସରକାରଙ୍କ ଭିଜନ ସହିତ, ରାଜ୍ୟ ଏକ ନୂତନ ଯୋଜନା "**ବହୁଦ୍ଦେଶୀୟ କୃଷି ସହକାରୀ ସମିତି-MPACS ର ବ୍ୟବସାୟ ବିବିଧତା**" ମାଧ୍ୟମରେ PACS କୁ ବହୁମୁଖୀ ଗ୍ରାମୀଣ ବ୍ୟବସାୟ କେନ୍ଦ୍ରରେ ପରିଣତ କରୁଛି। ଏହି **ନୂତନ ଯୋଜନା** ଅଧୀନରେ **୧୫ କୋଟି** ଟଙ୍କାର ବ୍ୟବସ୍ଥା କରାଯାଇଛି ।

**53.** "**ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭** - ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା"ର ଏକ ଅଂଶ ଭାବରେ ଏକ ସ୍ୱଚ୍ଛ ଏବଂ ଦକ୍ଷ କୃଷି ବାଣିଜ୍ୟ ସୁନିଶ୍ଚିତ କରିବା ପାଇଁ ଆମ ସରକାର ଆଧୁନିକ ଭିତ୍ତିଭୂମି ଏବଂ ଡିଜିଟାଲ୍ ପଦ୍ଧତି ଚାଳିତ ୧ ଶହଟି ମଡେଲ୍ ମଣ୍ଡି ବିକଶିତ କରୁଛନ୍ତି । ଏହି ପଦକ୍ଷେପ ପାଇଁ ବଜେଟ୍**ରେ ୧ ଶହ କୋଟି ଟଙ୍କା**ର ପ୍ରସ୍ତାବ ରହିଛି ।

**54.** ସମବାୟ ଋଣ ରିହାତି ସହାୟତାରେ କୃଷକମାନଙ୍କୁ ସଶକ୍ତ କରିବା ଲାଗି ରାଜ୍ୟ ସରକାର ସଂକଳ୍ପବଦ୍ଧ । ଆର୍ଥିକ ବର୍ଷ ୨୦୨୬-୨୭ ରେ ୩୮ ଲକ୍ଷ ଚାଷୀଙ୍କୁ **୨୧ ହଜାର କୋଟି** ଟଙ୍କାର ଫସଲ ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରହିଛି ଏବଂ ଫସଲ ଋଣ ପ୍ରଦାନ ବାବଦକୁ ଋଣ ରିହାତି ଯୋଜନା ରେ **୧ ହଜାର ୭୦ କୋଟି ଟଙ୍କା** ସହାୟତା ପ୍ରଦାନ କରାଯିବ ।

**55.** ରାଜ୍ୟ ସରକାର କୃଷକମାନଙ୍କୁ ସୁରକ୍ଷା ଏବଂ ସଂସ୍ଥାଗତ ସହାୟତାକୁ ମଜବୁତ କରିବା ଜାରି ରଖିଛନ୍ତି । ଫସଲ ହାନିରୁ ରକ୍ଷା କରିବା ନିମନ୍ତେ **ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା** ରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ **୫ ଶହ କୋଟି ଟଙ୍କା**ର ପ୍ରସ୍ତାବ ରହିଛି । ତୃଣମୂଳସ୍ତରରେ ଦକ୍ଷତା ଏବଂ ପାରଦର୍ଶିତା ବଢ଼ାଇବା ଲାଗି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ PACS ଓ

LAMPCS ଗୁଡିକୁ କାର୍ଯ୍ୟସମ୍ପାଦନ ବାବଦକୁ **୨୦ କୋଟି** ଟଙ୍କା ଏବଂ ଭିତ୍ତିଭୂମି ଉନ୍ନତିକରଣ ବାବଦକୁ **୧ ଶହ କୋଟି ଟଙ୍କା** ର ସହାୟତା ପ୍ରଦାନ କରାଯିବ ।

ରାଜ୍ୟ ତଥା ଦେଶ ପ୍ରତି କୃଷକମାନଙ୍କର ଅମୂଲ୍ୟ ଅବଦାନ ପାଇଁ ଗଭୀର ସମ୍ମାନ ଏବଂ କୃତଜ୍ଞତା ସହିତ ମୁଁ ଏହି କୃଷି ବଜେଟ୍ ଓଡିଶାର କୃଷକମାନଙ୍କୁ ଉତ୍ସର୍ଗ କରୁଛି । ସେମାନଙ୍କ ସମ୍ମାନାର୍ଥେ, ମୁଁ , ବିନମ୍ରତାର ସହ ଏଠାରେ ଉଲ୍ଲେଖ କରିବାକୁ ଚାହେଁ:

**"ହେ ଅନ୍ନଦାତା,**

**ସ୍ୱାର୍ଥପର ଦୁନିଆରେ ତୁ' ଏକା ସାହାରା**
**ତୋ' ବଳିଦାନେ ଏ ଜୀବନ ମଧୁଝରା**
**ଧରାପୁତ୍ର, ତୋ ପାଇଁ ହସେ ଏଇ ଧରା**

**ହେ ଶସ୍ୟସ୍ରଷ୍ଟା,**

**ମାଟିର ସନ୍ତାନ ତୁ ଆମ ଜୀବନ ଦାୟକ**
**ତୋ' ତ୍ୟାଗ ସମର୍ପଣ ଆଗେ ନଇଁ ଯାଏ ମସ୍ତକ**
**ଲିଭିବ ତୋ' ଆଖି ଲୁହ କରୁ ଆଜି ସଂକଳ୍ପ । "**